NATIONAL NEWS BULLETIN (ODIA)

19 April - 2024

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ଜାରି ରହିଛି ।
- ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି ।
- ଉତ୍ତରପ୍ରଦେଶରେ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି ।
- କେରଳରେ ଲୋକସଭା ନିର୍ବାଚନ ପାଇଁ ଆଉ ସପ୍ତାହେ ସମୟ ବାକି ଥିବା ବେଳେ ୩ଟି ମୁଖ୍ୟ ରାଜନୈତିକ ସାମ୍ମୁଖ୍ୟ ସେମାନଙ୍କର ପ୍ରଚାର ତ୍ୱରାନ୍ୱିତ କରିଛନ୍ତି ।

ଏବଂ

- ଭାରତୀୟ ରେଳବାଇ ଗ୍ରୀଷ୍ମଋତୁରେ ରେଳଯାତ୍ରୀମାନଙ୍କୁ ସୁବିଧାରେ ଯାତ୍ରା କରିବାକୁ ଦେବା ପାଇଁ ରେକର୍ଡ ସଂଖ୍ୟକ ୯ ହଜାର ୧୧୧ଟି ଟ୍ରେନ୍ ଚଳାଉଛି ।

ଫାଷ୍ଟଫେଜ୍ ପୋଲିଂ

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ଜାରି ରହିଛି । ଏହି ପର୍ଯ୍ୟାୟରେ ୧୦୨ଟି ଲୋକସଭା ଆସନରେ ମତଦାନ ହେଉଛି । ତାହା ମଧ୍ୟରୁ ୧୧ଟି ଆସନ ଅନୁସୂଚିତ ଉପଜାତି ବର୍ଗ ଓ ୧୮ଟି ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଆଜି ମତଦାନ ହେଉଛି। ସେଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟ ରହିଛି। ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ସର୍ବାନନ୍ଦ ସୋନୱାଲ୍, କିରଣ ରିଜିଜ୍ଜୁ, ଜୀତେନ୍ଦ୍ର ସିଂହ, ସଞ୍ଜୀବ ବଲିୟାଁ ବିଜେପି ନେତା ତାମିଲ୍‌ସାଇ ସୁନ୍ଦରରାଜନ୍ ଜିତିନ୍ ପ୍ରସାଦ, କଂଗ୍ରେସ ନେତା ଗୌରବ ଗୋଗୋଇ, କାର୍ତ୍ତି ଚିଦାମ୍ବରମ୍, ନକୁଳ ନାଥ, ଡିଏମ୍‌କେ ନେତା ଦୟାନିଧି ମାରାନ୍‌ଙ୍କର ଆଜିର ନିର୍ବାଚନରେ ଭାଗ୍ୟ ନିର୍ଦ୍ଧାରିତ ହେବ। ଏହି ପର୍ଯ୍ୟାୟରେ ୧୬ ଶହ ୨୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ମତଦାନ ସକାଳ ୭ଟାରେ ଆରମ୍ଭ ହୋଇଛି ଓ ଅପରାହ୍ନ ୬ଟାରେ ଶେଷ ହେବ। ଉତ୍ତର ପୂର୍ବାଞ୍ଚଳ ଓ ପାହାଡ଼ିଆ ଅଞ୍ଚଳରେ ମତଦାନ ଯଥାକ୍ରମେ ୪ଟା ଓ ୫ଟା ବେଳେ ଶେଷ ହେବ । କିନ୍ତୁ ନକ୍ସଲ ଉପଦ୍ରୁତ ଅଞ୍ଚଳରେ ମତଦାନ ଅପରାହ୍ନ ୩ଟା ଓ ୪ଟା ସୁଦ୍ଧା ଶେଷ ହେବ ।

ଏହି ପର୍ଯ୍ୟାୟରେ ୧୬ କୋଟି ୬୩ ଲକ୍ଷ ମତଦାତା ୧ ଲକ୍ଷ ୬୩ ହଜାର ମତଦାନ କେନ୍ଦ୍ରରେ ମତଦାନ କରୁଛନ୍ତି। ମୋଟ୍ ଭୋଟରଙ୍କ ମଧ୍ୟରେ ୮ କୋଟି ୪୦ ଲକ୍ଷ ପୁରୁଷ ଥିବାବେଳେ ୮ କୋଟି ୨୩ ଲକ୍ଷ ମହିଳା ଓ ୧୧ ହଜାର କ୍ଲିବ ଭୋଟର ଅଛନ୍ତି। ପ୍ରଥମ ଥର ପାଇଁ ମତଦାନ କରୁଥିବା ୩୬ ଲକ୍ଷ ଯୁବା ଭୋଟର ଆଜି ମତଦାନ କରୁଛନ୍ତି । ଏହି ପର୍ଯ୍ୟାୟରେ ୮୫ ବର୍ଷରୁ ଅଧିକ ବୟସର ୧୪ ଲକ୍ଷ ଭୋଟର ଓ ୧୪ ଲକ୍ଷ ଦିବ୍ୟାଙ୍ଗ ଭୋଟରଙ୍କୁ ଘରୁ ମତଦାନ କରିବାର ବିକଳ୍ପ ଦିଆଯାଇଛି।

ପ୍ରତ୍ୟେକ ମତଦାତା ସହଜରେ ଆସି ମତଦାନ କରିବା ପାଇଁ ନିର୍ବାଚନ କମିଶନ ଜଳ, ଆଶ୍ରୟସ୍ଥଳି, ଶୌଚାଳୟ, ରାମ୍ପ, ସ୍ୱେଚ୍ଛାସେବୀ, ହ୍ୱିଲ୍‌ଚେୟାର ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇଛି। ଭୋଟ୍‌ଗ୍ରହଣ କାରୀ ଅଫିସର ଓ ନିରାପତ୍ତା ବାହିନୀ ଯବାନ୍‌ମାନଙ୍କ ମୁତୟନ ପାଇଁ ୪୧ଟି ହେଲିକପ୍ଟର, ୮୪ଟି ସ୍ୱତନ୍ତ୍ର ଟ୍ରେନ୍ ଓ ୧ ଲକ୍ଷ ଗାଡି ମୁତୟନ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବାକୁ ବିଭିନ୍ନ ସ୍ଥାନରେ ୩୬୧ ଜଣ ପର୍ଯ୍ୟବେକ୍ଷକ ମୁତୟନ ହୋଇଛନ୍ତି।

୪ ହଜାରରୁ ଅଧିକ ଫ୍ଲାଇଙ୍ଗ୍‌ସ୍କ୍ୱାଡ୍, ୫ ହଜାରରୁ ଅଧିକ ପରିସଂଖ୍ୟାନ ତଦାରଖ ଟିମ୍ ଓ ୨ ହଜାର ଭିଡିଓ ତଦାରଖ ଟିମ୍ ଅହରହ ନଜର ରଖୁଛନ୍ତି। ଶତକଡା ୫୦ ଭାଗ ଭୋଟଗ୍ରହଣ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯାଉଛି। ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ କ୍ଷୁଦ୍ର ପର୍ଯ୍ୟବେକ୍ଷକମାନେ ମୁତୟନ ହୋଇଛନ୍ତି। ୧ ହଜାର ୩୦୦ ଆନ୍ତଃରାଜ୍ୟ ସୀମାନ୍ତଘାଟି ଓ ୧୬୨ଟି ଆନ୍ତର୍ଜାତିକ ସୀମାନ୍ତଘାଟି ଉପରେ କଡା ନଜର ରଖାଯାଇଛି।

ମାଦକଦ୍ରବ୍ୟ, ନିଶାଦ୍ରବ୍ୟ, ଟଙ୍କା ଓ ଉପହାର ସାମଗ୍ରୀଗୁଡ଼ିକର ଚାଲାଣ ଉପରେ ନଜର ରଖାଯାଇଛି । ସମୁଦ୍ରପଥ ଓ ଆକାଶପଥରେ ମଧ୍ୟ କଡା ପହରା ଦିଆଯାଉଛି ।

ଆଜି ମଧ୍ୟ ଅରୁଣାଚଳପ୍ରଦେଶ ଓ ସିକିମ୍ ବିଧାନସଭା ନିର୍ବାଚନରେ ମତଦାନ ଚାଲିଛି ।

ବିହାର କ୍ୟାମ୍ପେନିଂ

ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି । ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଆସନରେ ମତଦାନ ହେବ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଆଜି ସନ୍ଧ୍ୟାରେ କଟିହାରର ରାଜେନ୍ଦ୍ର ଷ୍ଟାଡିୟମ୍ ଠାରେ ଏକ ସଭାରେ ଉଦ୍‌ବୋଧନ ଦେବେ । RJD ନେତା ତେଜସ୍ୱୀ ଯାଦବ ଆଜି ବାଙ୍କା ଲୋକସଭା ନିର୍ବାଚନ ମଣ୍ଡଳୀର ଭୈରୋଗଞ୍ଜ ଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି । ସେ ପୂର୍ଣ୍ଣିଆ, ଦରଭଙ୍ଗା ଓ ସମସ୍ତିପୁରରେ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀମାନଙ୍କ ସମର୍ଥନରେ ର୍ୟାଲି ଗୁଡ଼ିକରେ ଉଦ୍‌ବୋଧନ ଦେବେ । ବିଜେପି ନେତା ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା NDA ପ୍ରାର୍ଥୀମାନଙ୍କ ସମର୍ଥନରେ ସଭାମାନ କରୁଛନ୍ତି ।

ରେଲୱେ-ସମର

ଭାରତୀୟ ରେଳବାଇ ଗ୍ରୀଷ୍ମଋତୁରେ ରେଳଯାତ୍ରୀମାନଙ୍କୁ ସୁବିଧାରେ ଯାତ୍ରା କରିବାକୁ ଦେବା ପାଇଁ ରେକର୍ଡ ସଂଖ୍ୟକ ୯ ହଜାର ୧୧୧ଟି ଟ୍ରେନ୍ ଚଳାଉଛି । ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରୁଛି । ଗତବର୍ଷ ୬ ହଜାର ୩୬୯ଟି ଟ୍ରେନ୍ ଚଳାଚଳ କରୁଥିଲା । ଏଥରକ ୨ ହଜାର ୭୪୨ଟି ଅଧିକ ଟ୍ରେନ୍ ଚଳାଚଳ କରିବା ସହ ଯାତ୍ରୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇର ପ୍ରତିଶ୍ରୁତିବଦ୍ଧତାର ଏହା ପ୍ରମାଣ ଦେଇଛି ।

ରେଳ ମନ୍ତ୍ରଣାଳୟ କହିଛି ଅତିରିକ୍ତ ଟ୍ରେନ୍ ଗୁଡ଼ିକ ଦେଶର ମୁଖ୍ୟ ସ୍ଥାନ ଗୁଡ଼ିକୁ ସଂଯୋଗ କରୁଛି । ଫଳରେ ବଡ଼ବଡ଼ ରେଳ ଷ୍ଟେସନରୁ ଯାତ୍ରୀମାନେ ନିର୍ବିଘ୍ନରେ ଯାତ୍ରା କରିପାରିବେ । ସମସ୍ତ ଜୋନାଲ୍ ରେଳବାଇ ଅତିରିକ୍ତ ଟ୍ରେନ୍ ଚଳାଚଳ ପାଇଁ ପଦକ୍ଷେପ ନେଇଛନ୍ତି । ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାତ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀରେ ଗ୍ରୀଷ୍ମଋତୁ ସମୟରେ ଯାତ୍ରୀମାନଙ୍କ ଭିଡ଼ କମ୍ କରିବାରେ ଏହି ଟ୍ରେନ୍ ଗୁଡ଼ିକ ସହାୟତା କରିବ ।

ଗ୍ରୀଷ୍ମଋତୁ ସମୟରେ ରେଳ ଷ୍ଟେସନ ଗୁଡ଼ିକରେ ପାନୀୟ ଜଳକୁ ନିଶ୍ଚିତ କରିବା ପାଇଁ ସମସ୍ତ ଜୋନାଲ୍ ରେଳବାଇକୁ କୁହାଯାଇଛି । ଯାତ୍ରୀ ଭିଡ଼ର ପରିଚାଳନା ପାଇଁ ବଡ଼ବଡ଼ ରେଳ ଷ୍ଟେସନରେ ପଦକ୍ଷେପ ଗ୍ରହଣ

କରାଯାଇଛି । ସେହି ଷ୍ଟେସନ୍ ଗୁଡ଼ିକରେ ରେଳବାଇର ବରିଷ୍ଠ ଅଫିସରମାନେ ରହି ଯାତ୍ରୀଭିଡ଼ ନିୟନ୍ତ୍ରଣ କରିବା କାର୍ଯ୍ୟର ତଦାରଖ କରୁଛନ୍ତି ।

କେରଳ-ଇଲେକ୍ସନ

କେରଳରେ ଲୋକସଭା ନିର୍ବାଚନ ପାଇଁ ଆଉ ସପ୍ତାହେ ସମୟ ବାକି ଥିବା ବେଳେ ୩ଟି ମୁଖ୍ୟ ରାଜନୈତିକ ସାମ୍ମୁଖ୍ୟ ସେମାନଙ୍କର ପ୍ରଚାର ତ୍ୱରାନ୍ୱିତ କରିଛନ୍ତି । ସେଗୁଡ଼ିକର ଜତାତୀୟ ସ୍ତରର ନେତାମାନେ କେରଳରେ ଯାଇ ପ୍ରଚାର କରୁଛନ୍ତି । ବିଜେପି ସଭାପତି ଜେ.ପି. ନଡ୍ଡା' ୱାୟାନାଡ୍, ପାଲାକଡ, କୋଟାୟମ୍ ଓ ତିରୁବନନ୍ତପୁରମ୍‌ରେ ଆଜି ପ୍ରଚାର କରୁଛନ୍ତି । କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଚଲ୍ଲାକୁଡ଼ି, ପତନମ୍‌ଥିଟା ଓ ତିରୁବନନ୍ତପୁରମ୍‌ରେ ଆସନ୍ତାକାଲି ପ୍ରଚାର କରିବେ । କର୍ଣ୍ଣାଟକ ମନ୍ତ୍ରୀ କେ.ଜେ. ଜର୍ଜ ମଧ୍ୟ କେରଳରେ ନିର୍ବାଚନ ପ୍ରଚାର କରିବେ ।

ଇତିମଧ୍ୟରେ CPM ପଲିଟିବ୍ୟୁର ସଦସ୍ୟ ସୁଭାଷିନୀ ଅଲ୍ଲୀ LDF ପାଇଁ ପ୍ରଚାର କରିବେ । କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ କୋଜିକୋଡ଼େ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଛନ୍ତି ।

ଭୋଟିଂ ପର୍ସେଣ୍ଟେଜ୍

ଆମର ହସ୍ତଗତ ହୋଇଥିବା ଖବର ଅନୁସାରେ ପୂର୍ବାହ୍ନ ୧୧ଟା ସୁଦ୍ଧା ତାମିଲନାଡୁରେ ଶତକଡ଼ା ୨୪ ଭାଗ ମତଦାନ ହୋଇଥିବା ବେଳେ' ଉତ୍ତରାଖଣ୍ଡରେ ଶତକଡ଼ା ୨୫ ଭାଗ, ଅରୁଣାଚଳପ୍ରଦେଶରେ ଶତକଡ଼ା ୧୯ ଭାଗ, ମେଘାଳୟରେ ଶତକଡ଼ା ୧୩ ଭାଗ, ଉତ୍ତରପ୍ରଦେଶରେ ଶତକଡ଼ା ୨୫ ଭାଗ, ମହାରାଷ୍ଟ୍ରରେ ଶତକଡ଼ା ୧୯ ଭାଗ, ପଶ୍ଚିମବଙ୍ଗରେ ଶତକଡ଼ା ୩୩ ଭାଗ, ସିକିମ୍‌ରେ ଶତକଡ଼ା ୨୪ ଭାଗ, ବିହାରରେ ଶତକଡ଼ା ୨୦ ଭାଗ, ଆସାମରେ ଶତକଡ଼ା ୨୭ ଭାଗ, ଛତିଶଗଡ଼ରେ ଶତକଡ଼ା ୨୮ ଭାଗ, ମଣିପୁରରେ ଶତକଡ଼ା ୨୯ ଭାଗ ଓ ରାଜସ୍ଥାନରେ ଶତକଡ଼ା ୨୨ ଭାଗ ମତଦାନ ହୋଇଛି ।

ଉତ୍ତରପ୍ରଦେଶ-କ୍ୟାମ୍ପେନ୍

ଉତ୍ତରପ୍ରଦେଶରେ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି । ରାଜନୈତିକ ଦଳଗୁଡ଼ିକର ବଡ଼ବଡ଼ ନେତାମାନେ ର୍ୟାଲି କରିବା ସହ ଘରଘର ବୁଲି ପ୍ରଚାର କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମ୍‌ରୋହା ଜିଲ୍ଲାର ଗଜରାଉଲା ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ

ଆଦିତ୍ୟନାଥ ବୁଲନ୍ଦ ସହରରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି । ଆଜି ସେ ଆଉ କିଛି ର୍ୟାଲିରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଆଜି ଗୌତମବୁଦ୍ଧ ନଗରଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଉଛନ୍ତି ।

ମଣିପୁର ଅପ୍‌ଡେଟ୍

ମଣିପୁରରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଆଜି ଆଭ୍ୟନ୍ତରୀଣ ସଂସଦୀୟ ନିର୍ବାଚନ ମଣ୍ଡଳୀର ୩୦ଟି ବିଧାନସଭା କ୍ଷେତ୍ର ଓ ବାହ୍ୟ ମଣିପୁର ସଂସଦୀୟ ନିର୍ବାଚନ ମଣ୍ଡଳୀର ୧୫ଟି ବିଧାନସଭା କ୍ଷେତ୍ରରେ ମତଦାନ ଜାରି ରହିଛି । ଆଭ୍ୟନ୍ତରୀଣ ଲୋକସଭା ଆସନରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବାହ୍ୟ ଲୋକସଭା ଆସନରେ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ଏପର୍ଯ୍ୟନ୍ତ ସେଠାରେ କୌଣସି ଗଣ୍ଡଗୋଳର ଖବର ମିଳିନାହିଁ । ପୂର୍ବାହ୍ନ ୧୧ଟା ସୁଦ୍ଧା ଆଭ୍ୟନ୍ତରୀଣ ମଣିପୁରରେ ଶତକଡ଼ା ୩୦ ଭାଗ ଓ ବାହ୍ୟ ମଣିପୁରରେ ଶତକଡ଼ା ୨୬ ଭାଗ ମତଦାନ ରେକର୍ଡ କରାଯାଇଥିଲା ।

ଅପ୍‌ଡେଟ୍-ଓ୍ୱାନ୍ ଏମ୍‌ପି

ମଧ୍ୟପ୍ରଦେଶ ଲୋକସଭା ନିର୍ବାଚନରେ ଆଜି ୬ଟି ଆସନ ପାଇଁ ମତଦାନ ହେଉଛି । ମତଦାନର ୨ ଘଣ୍ଟା ମଧ୍ୟରେ ଶତକଡ଼ା ୧୫ ଭାଗ ମତଦାନ ରେକର୍ଡ କରାଯାଇଥିଲା । ବାଲାଘାଟ ଠାରେ ସର୍ବାଧିକ ଶତକଡ଼ା ୧୬ ଦଶମିକ ୫/୩ ଭାଗ ଓ ସିଦ୍ଧିରେ ସର୍ବନିମ୍ନ ଶତକଡ଼ା ୧୩ ଦଶମିକ ୫/୩ ଭାଗ ମତଦାନ ରେକର୍ଡ କରାଯାଇଥିଲା ।

ବିହାର ପୁଲିଂ

ବିହାରର ଗୟା, ନୱାଡ଼ା, ଜାମୁଇ ଓ ଔରଙ୍ଗାବାଦ ଆସନ ଲୋକସଭା ନିର୍ବାଚନରେ ମତଦାନ ମଧ୍ୟମ ଥିବାର ଖବର ମିଳିଛି । ଭୀଷଣ ଗରମ ସତ୍ତ୍ୱେ ଯୁବା ଓ ପ୍ରଥମଥର ପାଇଁ ମତଦାନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଛି ।

ଆକାଶବାଣୀ ସହ କଥାବାର୍ତ୍ତା ସମୟରେ ଗୟା ନିର୍ବାଚନ ମଣ୍ଡଳୀରେ କିଛି ଯୁବା ଏହି ମତଦାନକୁ ସେମାନଙ୍କ ଜୀବନର ମାଇଲ ସ୍ତମ୍ଭ ଭାବେ ବର୍ଣ୍ଣନା କରିଛନ୍ତି । ଏହି ପର୍ଯ୍ୟାୟରେ ମତଦାନ ହେଉଥିବା ୧୫ଟି ବିଧାନସଭା କ୍ଷେତ୍ର ନକ୍ସଲ ଉପଦ୍ରୁତ ଅଞ୍ଚଳରେ ଆସୁଥିବାରୁ ସେଗୁଡ଼ିକରେ ଅପରାହ୍ନ ୪ଟା ସୁଦ୍ଧା ମତଦାନ ଶେଷ ହେବ ।